**ବିଦ୍ୟାଳୟ ପାଇଁ ନେତୃତ୍ୱ ପ୍ରଦାନ: ନିଜ ବିଦ୍ୟାଳୟକୁ ଜାଣିବା**

| ଓଡ଼ିଆ |
|---|
| ସ୍କୁଲର ଲିଡରମାନଙ୍କ ପାଇଁ ଲର୍ଣ୍ଣିଂ ୱାକ୍ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, କାରଣ ଏହା ଦ୍ୱାରା ଶ୍ରେଣୀଗୃହରେ କଣ ଚାଲିଛି ଆମେ ଜାଣିପାରୁ। <br> ଆମେମାନେ ଶିକ୍ଷାଦାନ କରିବା ଏବଂ ଶିକ୍ଷଣ ପ୍ରକ୍ରିୟା ଅନୁଧାନ କରିପାରିବା ଓ ଆବଶ୍ୟକ ସ୍ତର ପର୍ଯ୍ୟନ୍ତ ପିଲାମାନେ ବୁଝିପାରୁଛନ୍ତି କି ନା ଦେଖିପାରିବା। <br> ଆଜିର ଲର୍ଣ୍ଣିଂ ୱାକ୍‌ରେ ଆମେ ଦେଖିଲୁ ଯେ, କିଛି ବିଷୟ ରହିଛି ଯାହାକୁ ପିଲାମାନେ ବୁଝିବାକୁ ସକ୍ଷମ ହୋଇନଥିଲେ। ତେଣୁ ଶିକ୍ଷକ ପିଲାମାନଙ୍କୁ ବୁଝାଇବା ପାଇଁ ବାରମ୍ବାର ଚେଷ୍ଟା କରୁଥିଲେ। <br> ଆଜି ପ୍ରଥମ ଥର ପାଇଁ, ସେମାନେ ଏହି ଅଧ୍ୟାୟ ପଢୁଥିଲେ ଯାହାକୁ ଶିକ୍ଷକ ସେମାନଙ୍କୁ ବୁଝାଉଥିଲେ ଓ ସ୍ପଷ୍ଟ କରିଦେଉଥିଲେ। <br> ତାହା ପରେ କଣ ହୋଇଥିଲା ମୁଁ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲି। ଏହିପରି ୱାକ୍ ବା ଚାଲିବା ଏବଂ ଆଲୋଚନା କରିବା ଫଳରେ ଆମେମାନେ ବିଦ୍ୟାଳୟରେ କଣ ଘଟୁଛି ଜାଣିପାରିଥାଉ। ଏଠାରେ ଆମେମାନେ ମୁଖ୍ୟତଃ ପିଲାମାନଙ୍କ ଉପରେ ଧ୍ୟାନ ଦେଇଥାଉ। <br> ସାଧାରଣତଃ, ମୁଁ ବାହାରୁ ଶ୍ରେଣୀଗୃହକୁ ଦେଖିଥାଏ। ଜଣେ ବାହାରେ ଥାଇ ମଧ୍ୟ କହି ଦେଇପାରିବ ଯେ, ଶିକ୍ଷକ କଣ କରୁଛନ୍ତି, କିନ୍ତୁ ମୁଁ ଶ୍ରେଣୀଗୃହକୁ ଯାଇଥାଏ। <br> ମୁଁ ଜୁଲାଇ ମାସରେ ଏହି ସ୍କୁଲରେ ଯୋଗ ଦେଲି ଏବଂ ସେହି ଦିନ ଠାରୁ ଲର୍ଣ୍ଣିଂ ୱାକ୍ କରୁଅଛି। <br> ମୁଁ ଶ୍ରେଣୀଗୃହ ଭିତରକୁ ଯାଏ କିନ୍ତୁ ପରେ ଶିକ୍ଷକଙ୍କ ସହିତ କଥାବାର୍ତ୍ତା କରିଥାଏ। <br> ପ୍ରଥମେ ମୁଁ ଶିକ୍ଷା ଦେବା ଏବଂ ଶିକ୍ଷଣ ପ୍ରକ୍ରିୟା କିପରି ଚାଲିଛି ଦେଖିଥାଏ। ମୁଁ ଏହି ସମୟରେ ଶିକ୍ଷକଙ୍କ ସହିତ ମୋର ମତାମତ ବିଷୟରେ ଆଲୋଚନା କରିନଥାଏ। ମୁଁ ପରେ ଏହା କରିଥାଏ। <br> ତେଣୁ ମୁଁ ଏହା ହିଁ କରିଥାଏ। ମୁଁ ସବୁବେଳେ ଏକ ଲର୍ଣ୍ଣିଂ ୱାକ୍ କରିଥାଏ। ଯଦି ପିଲାମାନଙ୍କର କୌଣସି ସମସ୍ୟା ରହିଥାଏ, ତେବେ ଆମେମାନେ ସେଥିପ୍ରତି ମଧ୍ୟ ଧ୍ୟାନ ଦେଇଥାଉ। <br> ଏହି ୱାକ୍ ସମୟରେ କୌଣସି ପିଲା ଅସୁସ୍ଥ ଅଛି ବା ଅନ୍ୟ କୌଣସି ସମସ୍ୟା ରହିଛି କି ଆମେ ଜାଣି ପାରିଥାଉ। ସାଧାରଣତଃ, ଗ୍ରାମାଞ୍ଚଳରେ ପିଲାମାନଙ୍କର ସମସ୍ୟା ଭିନ୍ନ ହୋଇଥାଏ। ତେଣୁ ଆମକୁ ବ୍ୟକ୍ତିଗତ ଭାବରେ ଏହାର ସମାଧାନ କରିବାକୁ ପଡ଼ିଥାଏ। <br> ଲର୍ଣ୍ଣିଂ ୱାକ୍ ସମୟରେ ଆମେ ପିଲାମାନଙ୍କୁ ପ୍ରଭାବିତ କରୁଥିବା ବିଷୟଗୁଡିକ ଦେଖିଥାଉ। ଏକା ସମୟରେ ଆମେ ଶିକ୍ଷାଦାନ ଏବଂ ଶିକ୍ଷଣ ପ୍ରକ୍ରିୟା ପ୍ରତି ଧ୍ୟାନ ଦେଇପାରୁ। ସ୍କୁଲ ମୁଖ୍ୟଙ୍କ ପାଇଁ ଲର୍ଣ୍ଣିଂ ୱାକ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। <br> ସ୍କୁଲରେ କଣ ଘଟୁଛି ଏହା ଆମକୁ ଜାଣିବାରେ ସାହାଯ୍ୟ କରିଥାଏ। <br> ଆମେ ଜାଣିପାରୁ ଯେ ଶିକ୍ଷକ ଯାହା ଯୋଜନା କରିଛନ୍ତି ତାହା ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଉଛି କି ନା। <br> ଏହା ମାଧ୍ୟମରେ ଆମେମାନେ ଶିକ୍ଷକଙ୍କ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା ଦେଖିଥାଉ ବା ପିଲାମାନଙ୍କର ଉପସ୍ଥାନ ତଦାରଖ କରିଥାଉ। <br> ଆମେମାନେ ସମଗ୍ର ସ୍କୁଲର ତତ୍ତ୍ୱାବଧାନ କରିବା ଦ୍ୱାରା ପରିବେଶ ବିଷୟରେ ମଧ୍ୟ ଅନୁଭବ କରିପାରିଥାଉ। ଆମେମାନେ କେବଳ ଶିକ୍ଷାଦାନ ଏବଂ ଶିକ୍ଷଣ ପ୍ରକ୍ରିୟା ତତ୍ତ୍ୱାବଧାନ କରିନଥାଉ, ତାହା ସହିତ ସ୍କୁଲର ପ୍ରଶାସନିକ ଦିଗ ଏବଂ ପରିଚ୍ଛନ୍ନତା ମଧ୍ୟ ତତ୍ତ୍ୱାବଧାନ କରିଥାଉ। <br> ଆମେ ଯୋଜନା କରିଥିବା ଆମ ସ୍କୁଲ କାର୍ଯ୍ୟକଳାପ ସଂପର୍କିତ ସମସ୍ତ କାର୍ଯ୍ୟକଳାପ ଏଥିରେ ଅନ୍ତର୍ଭୁକ୍ତ ହୋଇଥାଏ। ଲର୍ଣ୍ଣିଂ ୱାକ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। |